# Akashvani, Sambalpur

## SAMBALPURI NEWS BULLETIN

### 3 February 2026 – 6.47- 6.52 am.

****************************************************

ରାଷ୍ଟ୍ରପତି- ଓଡ଼ିଶା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଯାଜ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କୁ ଦର୍ଶନ୍ କର୍‌ବାର୍ ସହେତେ ନାଭିଗୟା ନ ପିଣ୍ଡଦାନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ତାର୍ ଉତ୍‌ରୁ ବାଲେଶ୍ୱର୍ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟର୍ ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍ ସହେତେ ନୂଆଁକରି ତିଆର୍ ହେଇଥିବା ପ୍ରେକ୍ଷାଳୟର୍ ଉଦ୍‌ଘାଟନ୍ କର୍‌ବେ । ବେଲ୍‌ବୁଡ଼େ ରାଷ୍ଟ୍ରପତି ପୁରୀ ଯିବେ ଆଉ ମାହାପ୍ରଭୁଙ୍କର୍ ଦର୍ଶନ୍ କର୍‌ବେ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୬ ଦିନିଆ ଓଡ଼ିଶାଗସ୍ତଥି ଆସିକରି ଗଲାକାଏଲ୍ ବେଲ୍‌ବୁଡ଼େ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଥିଲେ । ତାର୍ ଉତ୍‌ରୁ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଭୁବ୍‌ନେଶ୍ୱର୍ ମେୟର୍ ପ୍ରମୁଖ ତାଙ୍କୁ ବିମାନ୍ ବନ୍ଦର୍ ନ ସ୍ୱାଗତ୍ କରିଥିଲେ । ଇତାର୍‌ଉତ୍‌ରୁ ରାଷ୍ଟ୍ରପତି ସିଧାସଲଖ୍  ଲୋକ୍‌ଭବନ୍‌କେ ଯାଇକରି ସେନ ରାତ୍ରୀଯାପନ୍ କରିଥିଲେ ।

ତାରାତାରିଣୀ ପୀଠ-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଗଞ୍ଜାମ୍ ଜିଲ୍ଲା ପୁରୁଷୋତମ୍ପୁର୍ ନ ଥିବା ମା ତାରାତାରିଣୀ ପୀଠ ନ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା ଅଧୀନ୍ଥି ହେବାର୍କେ ଥିବା ସାମୂହିକ ବିବାହ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ପ୍ରମୁଖ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ଯୋଜ୍ନା ଅଧୀନ୍ଥି ବଛା ହେଇଥିବା ହିତାଧିକାରୀ ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ ଚେକ୍ ଆଉ ବିବାହ ପଞ୍ଜିକରଣ୍ ପ୍ରମାଣ୍ପତ୍ର ବାଂଟ୍ବେ ।

କେନ୍ଦ୍ରୀୟ ଟିକସ- ଓଡ଼ିଶା ଭାଗ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଟିକସ୍ଥି ଓଡ଼ିଶାର୍ ଭାଗ୍ ୪ ଦଶ୍ମିକ୍ ୫୨୮ ପ୍ରତିଶତ୍ନୁ ୪ ଦଶ୍ମିକ୍ ୪୨୦ ପ୍ରତିଶତ୍କେ କମ୍ କରାଯାଇଛେ । ଷୋଡ଼ଶ ଅର୍ଥ କମିଶନ୍ ତର୍ଫୁ କରାଯାଇଥିବା ଇ ସୁପାରିଶ୍କେ କେନ୍ଦ୍ର ସର୍କାର୍ଙ୍କର୍ ଅନୁମୋଦନ୍ ମିଳିଛେ । ଆଏବା ୫ ବଛର୍ତକ୍ ଇ ହାରଥି ଓଡ଼ିଶାକେ ଟିକସ୍ ଭାଗ୍ ମିଲ୍ବା । ଇ ହିସାବେ ଆଏବା ଆର୍ଥିକ୍ ବଛ୍ରେ ଓଡ଼ିଶା ୬୯

ହଜାର୍ ଶହେ ୫ କୋଟି ଟଙ୍କା ବଦ୍‌ଲେ ୬୭ ହଜାର୍ ୪ ଶହ ୬୦ କୋଟି ଟଙ୍କା ପାଏବା । ୫ ବଛର୍ ଭିତ୍‌ରେ ରାଜ୍ୟକେ ପାଖାପାଖି ୪ ଲାଖ୍ ୩୧ ହଜାର୍ କୋଟି ଟଙ୍କା ମିଲ୍‌ବା ।

ବାଏଲ୍, ଚିପ୍‌ସ, ମୁରୁମ୍ ରୟାଲ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ବାଏଲ୍, ଚିପ୍‌ସ୍ ଆର୍ ମୁରୁମ୍ ବାଗିର୍ ଲଘୁ ଖଣିଜ ଦରବ୍ ଉପ୍‌ରେ ରୟାଲ୍‌ଟି ୩ ଗୁନା ବଢ଼େଇଛନ୍ । ଆଘୋନୁ କ୍ୟୁବିକ୍ ମିଟର୍ ପିଛା ବାଏଲ୍ ଆଉ ମୁରୁମ୍ ଲାଗି ୩୫ ଟଙ୍କା ଦେବାର୍‌କେ ପଡୁଥିଲା ହେଲେ ଇହାଦେ କ୍ୟୁବିକ୍ ମିଟର୍ ପିଛା ଶହେ ୫ ଟଙ୍କାକେ ବଢ଼ାଯାଇଛେ । ସେନ୍ତା ଚିପ୍‌ସ କ୍ୟୁବିକ୍ ମିଟର୍ ପିଛା ଆଘୋନୁ ଶହେ ୩୦ ଟଙ୍କା ଥିବାର୍ ବେଲେ ଇହାଦେ ଇଟା ୩ ଶହ ୯୦ ଟଙ୍କାକେ ବଢ଼ାଯାଇଛେ ବଲି ଖଣି ଆଉ ଇସ୍ପାତ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ରେଲ୍‌ପ୍ରକଳ୍ପ- ମହାପ୍ରବନ୍ଧକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୋର୍ଦ୍ଧା-ବଲାଙ୍ଗିର୍ ରେଲ୍‌ପଥ୍ କାମ୍ ଇ ବଛର୍ ଡିସେମ୍ବର୍ ମାସ୍‌ତକ୍ ଶେଷ୍ ହେବା ବଲି ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରେଲ୍‌ସଦନ୍ ନ

ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି ଶ୍ରୀ ଫୁଙ୍କ୍‌ୱାଲ୍ କହିଛନ୍, ଏଛନି ରାଜ୍ୟର୍ ୪୨ ଟା ଅମୃତ୍ ଷ୍ଟେସନ୍ କାମ୍ ଚାଲିଛେ । ସେଥିର୍‌ଭିତ୍‌ରୁ ବର୍‌ପାଲି, ତାଲ୍‌ଚେର୍ ଆଉ ପାରଲାଖେମୁଣ୍ଡି ଷ୍ଟେସନ୍ କାମ୍ ପୁରା ହେଇଛେ । ବାକି ଷ୍ଟେସନ୍ ମାନ୍‌କର୍ କାମ୍ ଡିସେମ୍ବର୍ ମାସ୍‌ତକ ଶେଷ୍ ହେବା । ଶ୍ରୀ ଫୁଙ୍କ୍‌ୱାଲ୍ କହିଛନ୍, ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍‌ପ୍ରକଳ୍ପର୍ ଏବ୍‌ତକ୍ ୨ ଶହ ୨୬ କିଲୋମିଟର୍ ରେଲ୍‌ଲାଇନ୍ ତିଆରି କାମ୍ ସରିଛେ । ବାକି ୭୫ କିଲୋମିଟର୍ ରେଲ୍‌ଲାଇନ୍‌ଥି ଥିବା ୭ ଟା ସୁଡ଼ଙ୍ଗ୍ ତିଆର୍ କାମ୍ ବହୁତ୍ କଡ଼ା ଥିଲା । ହେଲେଭିଲ୍ ବିଭାଗ୍ ତର୍‌ଫୁ ସବୁ କାମ୍‌କେ ସଫଲତାର୍ ସହେତେ କରାଯାଇଛେ ବଲି ଶ୍ରୀ ଫୁଙ୍କ୍‌ୱାଲ୍ କହିଛନ୍ ।

ଇଗ୍ନୋ- ନାଁଲେଖା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋଥି ଜାନୁଆରୀ ୨୦୨୬ ଶିକ୍ଷା ସତ୍ର ଲାଗି ନାଁ ଲେଖା ଆଉ ପୁନଃପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇ ପ୍ରକ୍ରିୟା ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା । ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଆଗ୍ରହୀ ଛାତ୍ରଛାତ୍ରୀ ଇଥି ପଞ୍ଜିକରଣ୍ କରିପାର୍‌ବେ । ଇ ବାବ୍‌ଦେ www.ignou.ac.in ଥି ଅଏତ୍‌କା ସୂଚ୍‌ନା ମିଲିପାର୍‌ବା ।

କଳାମନ୍ଦିର୍ ତାଲିମ୍ ଶିବିର୍ ଆର୍ଏନ୍ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ ଲୋକକଳା ଗାଁ ଫଂଚ୍ଗାଁ ଲୋକକଳା ତାଲିମ୍ କେନ୍ଦ୍ର ନ କଳାମନ୍ଦିର୍ ତାଲିମ୍ ଶିବିର୍ ମୁଲ୍ ହେଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କାର୍ଯ୍ୟକ୍ରମ୍ଥି ଗଲାକାଏଲ୍ ଶିବିର୍କେ ଉଦ୍ଘାଟନ୍ କରିଛନ୍ । ଲୋକକଳାର୍ ପୁନରୁଦ୍ଧାର୍ ଲାଗି ମୁଲ୍ ହେଇଥିବା ଇ ଚେରେଷ୍ଟାକେ ରାଜସ୍ୱ ମନ୍ତ୍ରୀ ପ୍ରଶଂସା କରିଛନ୍ ।

କୃଷି ଯନ୍ତ୍ରପାତି ମେଳା ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା କୃଷି ବିଭାଗ୍ ତର୍ଫୁ ସହରର୍ ପ୍ରଧାନ୍ପାଟ୍ ବଡ଼ବଗିଚା ନ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଉ କୃଷି ମହୋତ୍ସବ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଉଦ୍ଯାପନୀ ସମାରୋହଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ୍ ଯୋଗ୍ ଦେଇକରି ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନାର୍ ଲାଭ୍ ନେବାର୍କେ ଚାଷୀମାନ୍କୁ ପରାମର୍ଶ ଦେଇଥିଲେ । ଇ ଅବ୍ସରେ ସଫଲ୍ ଚାଷୀମାନ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ସମ୍ପୂର୍ଣ୍ଣତା ଅଭିଯାନ୍       କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନ ସମ୍ପର୍ଣ୍ଣତା ଅଭିଯାନ୍‌ର ୨ ନମ୍ବର୍ ଖେପ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ସବୁ ଅଧିକାରୀ ଆଉ କର୍ମଚାରୀମାନେ ସମ୍ପୂର୍ଣ୍ଣତା ଶପଥ୍ ପାଠ କରିଥିଲେ । ଗଲା ୨୮ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଅଭିଯାନ୍ ଏପ୍ରିଲ୍ ୧୪ ତାରିଖ୍‌ତକ୍ ଚାଲ୍‌ବା ।

ସୂଚ୍‌ନା ଅନ୍‌ସାରେ ୨୦୨୪ ଜୁଲାଇନୁ ସେପ୍ଟେମ୍ବର୍‌ତକ୍ ହେଇଥିବା ସମ୍ପୂର୍ଣ୍ଣତା ଅଭିଯାନ୍‌ର ପହେଲା ଖେପ୍‌ଥି କଲାହାଣ୍ଡି ଜିଲ୍ଲା ଭଲ୍ ପ୍ରଦର୍ଶନ୍ କରିକରି କାଂସ୍ୟ ପଦକ୍ ଜିତିଥିଲା ।

ବିଶ୍ୱବିଦ୍ୟାଳୟ ଅନ୍ତଃଜୋନାଲ୍ ହକି       ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ବିଶ୍ୱବିଦ୍ୟାଳୟ ଅନ୍ତଃଜୋନାଲ୍ ହକି ମହିଳା ବର୍ଗ୍‌ଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଚମ୍ପିଆନ୍ ହେଇଛେ । ଗଲାକୋଏଲ୍ ଭୁବ୍‌ନେଶ୍ୱର୍ ନ ଖେଲାଯାଇଥିବା ଫାଇନାଲ୍ ମେଚ୍‌ଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଦଲ୍

ପେନାଲ୍ଟି ସୁଟ୍ଆଉଟ୍ ଜରିଏ ୩/ ୨ ଗୋଲ୍ଥି କିଟ୍ ବିଶ୍ୱବିଦ୍ୟାଲୟକେ ହରେଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ପର୍ଣ୍ଚିମାଝଡ଼୍ ପ୍ରଭାବ୍ଥି ରାଜ୍ୟର୍ ବଡ଼୍ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ହପ୍ତେତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା କାଏଲ୍ ଜଗତ୍ସିଂହପୁର୍ ଆର୍ ପୁରୀ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ କୁହାଯାଇଛେ ।